# ଗୃହ ଭ୍ରମଣ କାର୍ଯ୍ୟ ସଂପାଦନ

## ଉପକ୍ରମ



- ❖ ଗୃହ ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଏବଂ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ ବିଷୟରେ ପରିବାରର ସଦସ୍ୟ ମାନଙ୍କ ସହ ଆଲୋଚନା କରିବା ଏବଂ ବୁଝାଇ କହିବା ।
- ❖ ଅଙ୍ଗନବାଡି କର୍ମୀ ପ୍ରତିଦିନ ଦୁଇ ଘଣ୍ଟା ପାଇଁ ଗୃହ ଭ୍ରମଣ କାର୍ଯ୍ୟକ୍ରମ କରିବା ଦରକାର, ବିଶେଷକରି ସେହିମାନଙ୍କ ପାଖକୁ, ଯାହାର 3s ଠିକ୍ ନଥିବ ।
- ❖ ସେମାନଙ୍କ ଗୃହ ଭ୍ରମଣ କାଳରେ ସେମାନେ ପରିବାର ସଦସ୍ୟ ମାନଙ୍କ ସହିତ ଉତ୍ତମ ଭାବ ପ୍ରୀତି ସ୍ଥାପନ କରିବା, ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଜଣାଇବା, ଏବଂ ଉତ୍ତମ ସ୍ୱାସ୍ଥ୍ୟ ଯତ୍ନ ସେବା ପାଇଁ ସମର୍ଥନ ଇତ୍ୟାଦି କରିବା ତଥା ରୋଗ ଗୁଡିକର ଚିହ୍ନଟ ଖୁବ୍ ଶୀଘ୍ର କରି ଉପଯୁକ୍ତ ପରାମର୍ଶ ଦେବା ପରି କାମ କରିବାକୁ ହୋଇଥାଏ ।
- ❖ ବିଶେଷକରି ଯେଉଁ ସବୁ ଘରେ ଗର୍ଭବତୀ ମହିଳା ଥିବେ, ଯେଉଁ ପରିବାରରେ ମହିଳାଙ୍କର ଗର୍ଭପାତ ହୋଇଥାଏ, ଯେଉଁଠି ବିଗତ ଏକମାସରେ ପ୍ରସବ ହୋଇଥିବ ବା ଯେଉଁ ପରିବାର ରେ ଦୁଇବର୍ଷରୁ କମ୍ ବୟସର ପିଲା ଓ ଯେଉଁଠି କୁପୋଷିତ ଶିଶୁ ଥିବେ ସେହି ଘରଗୁଡିକୁ ନିୟମିତ ଯିବା ଉଚିତ୍ ।
- ❖ କୌଣସି ବି ବାର୍ତ୍ତାକୁ ନିମ୍ନମତେ ନିର୍ଦ୍ଦିଷ୍ଟ କରି ଦିଅନ୍ତୁ, ସ୍ପଷ୍ଟଭାବରେ କୁହନ୍ତୁ :

| ନିରାଧାର ଅପ୍ରଭାବଶାଳୀ ବାର୍ତ୍ତା | ଦରକାରୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବାର୍ତ୍ତା |
|---|---|
| ଡାଇରିଆ ନିରାକରଣ ପାଇଁ ଆଖପାଖ ପରିବେଶ ଉପରେ ଧ୍ୟାନ ଦିଅନ୍ତୁ | ଡାଇରିଆ ନିରାକରଣ ପାଇଁ ଦୟାକରି ଏକଥା ସୁନିଶ୍ଚିତ କରାଇ ନିଅନ୍ତୁ ଯେ, ଆପଣ ନିଜ ହାତକୁ ଖାଦ୍ୟ ତିଆରି କରିବା ପୂର୍ବରୁ, ବା ପିଲାକୁ ଖୁଆଇବା ପୂର୍ବରୁ ବା ଶୌଚ ହୋଇକରି ଆସିବା ପରେ ଭଲକରି ସାବୁନ୍ ଓ ପାଣିରେ ଧୋଇ ସଫା କରୁଛନ୍ତି । |
| ପିଲାର ଉପଯୁକ୍ତ ଯତ୍ନ ନିଅନ୍ତୁ | କଣ ଆପଣ ନିଜ ପିଲାକୁ ସ୍ତନପାନ କରାଇବାକୁ ଯଥେଷ୍ଟ ସମୟ ପାଉଛନ୍ତି? ପିଲାସହ ଖେଳିବାକୁ ସମୟ ମିଳୁଛି? ତୁମେ କାମ କରୁଥିବା ବେଳେ କିଏ ତୁମ ପିଲାର ଦେଖାରଖା କରନ୍ତି? |
| ଆପଣଙ୍କର ପିଲା ବର୍ତ୍ତମାନ 1 ବର୍ଷ ବୟସର ହୋଇଗଲା । ଏବେ ତାକୁ ପୁଷ୍ଟିକର ଖାଦ୍ୟ ଖାଇବାକୁ ଦିଅନ୍ତୁ | କଣ ତୁମ ପିଲାକୁ ସବୁଦିନ ଗୋଟିଏ ଲେଖାଏଁ ଅଣ୍ଡା (ବା କିଛି କ୍ଷୀର, ସବୁଜ ପନିପରିବା ଇତ୍ୟାଦି) ଦେଇପାରିବ? ତୁମେ ତାହା କିପରି କରିପାରିବ? କଣ ପରିବାରର ଅନ୍ୟ ପିଲାମାନେ ମଧ୍ୟ ତାହା ଦାବି କରିବେ, ଆଉ ଏହା ଏକ ସମସ୍ୟା ସୃଷ୍ଟି କରିବ? |

## ଗୃହ ଭ୍ରମଣ କରିବା ସମୟରେ ଧ୍ୟାନ ରଖିବା ଯୋଗ୍ୟ ବିନ୍ଦୁ

• • •

- ❖ ପରିସ୍ଥିତିକୁ ବୁଝିବା ପାଇଁ ସୂଚନା ଏକତ୍ରିତ କରନ୍ତୁ ।
- ❖ ଯଥାର୍ଥ ପ୍ରାରମ୍ଭିକ ପ୍ରଶ୍ନ ସବୁ ପଚାରନ୍ତୁ ।
- ❖ ମହିଳାଙ୍କର ପ୍ରତ୍ୟୁତ୍ତର କୁ ଧ୍ୟାନର ସହ ଶୁଣନ୍ତୁ ଏବଂ ସେ ଉତ୍ତର ଦେବା ସମୟରେ ବାଧା ସୃଷ୍ଟି ନକରି ଧ୍ୟାନର ସହ ଶୁଣନ୍ତୁ ।
- ❖ ଅସୁସ୍ଥତାର ସମୟକାଳ ଓ ଲକ୍ଷଣ ଗୁଡିକ ଜାଣିବା ପାଇଁ ବହୁତ ଗୁଡିଏ ଅନୁସନ୍ଧାନ ମୂଳକ ପ୍ରଶ୍ନ ପଚାରନ୍ତୁ ଏବଂ ଅଧିକରୁ ଅଧିକ ସୂଚନା ସଂଗ୍ରହ କରନ୍ତୁ ।
- ❖ ଶୁଣନ୍ତୁ ଏବଂ ଯଦି ମା' ବିଲକୁଲ ଠିକ୍ ପଦକ୍ଷେପ ନେଇଛନ୍ତି ତେବେ ତାଙ୍କୁ ପ୍ରଶଂସା କରନ୍ତୁ ।
- ❖ ତାପରେ ମା'/ମହିଳାଙ୍କୁ ଆଉ କଣ କରିବାକୁ ହେବ, ସେ ବିଷୟରେ ଛୋଟ ଛୋଟ ବାକ୍ୟରେ ସ୍ପଷ୍ଟ ଭାବରେ ସୂଚନା ସହିତ ତାଙ୍କୁ ମତାମତ ଦିଅନ୍ତୁ ।
- ❖ ମା' ମାନେ ଯେ ଆପଣ କହିଥିବା କଥା ସବୁ ବୁଝିଛନ୍ତି ତାହା ସୁନିଶ୍ଚିତ କରାଇବା ପାଇଁ ମୁଖ୍ୟ ସୂଚନା ଆଦି ଗୁଡିକୁ ପୁନରାବୃତ୍ତି କରନ୍ତୁ ।
- ❖ ଯଦି କୌଣସି ଭ୍ରାନ୍ତ ଧାରଣା ବା ଗୁଜବର କଥା ଶୁଣିବାକୁ ମିଳୁଥାଏ ତାକୁ ଠିକ୍ କରିବା ପାଇଁ ଆଲୋଚନା କରନ୍ତୁ ।
- ❖ ଶେଷରେ ରେଫରାଲ୍ ବା ଫଲୋଅପ ଭିଜିଟ୍ ପାଇଁ ବ୍ୟବସ୍ଥା କରନ୍ତୁ ।
- ❖ କୌଣସି ସ୍ୱାସ୍ଥ୍ୟସେବା ପାଇଁ ଚିଠା ଦିଅନ୍ତୁ ନାହିଁ, କେବଳ ମା' ମାନଙ୍କୁ ପରାମର୍ଶ ଦିଅନ୍ତୁ ।

### ପ୍ରତ୍ୟେକ ପରିଦର୍ଶନରେ
(ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ପାଇଁ ମୌଳିକ କଥାବାର୍ତ୍ତାର କୌଶଳ)



- ଅଭିନନ୍ଦନ ।
- ଆପଣଙ୍କର ପରିଦର୍ଶନର ଉଦ୍ଦେଶ୍ୟ ।
- ଏମିତି କଥା ହୁଅନ୍ତୁ ଯେମିତି ପରିବାର ଆପଣଙ୍କ ସହ ସହଜ ହୋଇପାରିବେ ।
- ଭଦ୍ର ଓ ନମ୍ର ସ୍ୱରରେ କଥା ହୁଅନ୍ତୁ ।
- ସ୍ଥାନୀୟ ଭାଷାରେ ସହଜ ସରଳ ଶବ୍ଦ ବ୍ୟବହାର କରନ୍ତୁ।
- ସମ୍ମାନର ସହ କଥା ହୁଅନ୍ତୁ ।
- ଯଦି ମହିଳା ଜଣେ ଠିକ୍ ଠାକ୍ ସବୁ କରୁଛନ୍ତି, ତେବେ ତାଙ୍କର ଆତ୍ମବିଶ୍ୱାସ ବଢ଼ାଇବା ପାଇଁ, ତାଙ୍କୁ ନିଶ୍ଚୟ ପ୍ରଶଂସା କରନ୍ତୁ ।
- ଆପଣ କାହିଁକି କେତେକ ଖରାପ ଅଭ୍ୟାସକୁ ପ୍ରୋତ୍ସାହନ କରନ୍ତି ନାହିଁ, ତାହା ଚିହ୍ନଟ କରି କୁହନ୍ତୁ, ସେଗୁଡିକୁ ଖରାପ, ନିନ୍ଦନୀୟ ବା ଗ୍ରହଣୀୟ ନୁହେଁ ବୋଲି ବର୍ଣ୍ଣନା କରନ୍ତୁ ନାହିଁ ।
- ପଚାରନ୍ତୁ, କୁହନ୍ତୁ ନାହିଁ ।
- ମହିଳାଙ୍କର କିଛି ପ୍ରଶ୍ନ ଅଛିକି ପଚାରି ନିଅନ୍ତୁ ।
- ମହିଳା ଓ ପରିବାରକୁ ଧନ୍ୟବାଦ ଦିଅନ୍ତୁ ଏବଂ ପରବର୍ତ୍ତୀ ପରିଦର୍ଶନର ସୂଚନା ଦିଅନ୍ତୁ ।



### ଜଟିଳ ପରିସ୍ଥିତି



***ଯଦି ମହିଳା ଲାଜକୁଳା ହୋଇଥିବେ***

- ତାଙ୍କୁ ଉଲ୍ଲସିତ କରିବାକୁ ସାଧାରଣ କଥା କୁହନ୍ତୁ ।
- ମହିଳାଜଣଙ୍କ କଥା କହିବା ପାଇଁ ତାଙ୍କୁ ଉତ୍ସାହିତ କରନ୍ତୁ ।
- ତାଙ୍କର ଆତ୍ମବିଶ୍ୱାସ ବଢାଇବା ପାଇଁ ତାଙ୍କୁ ଅଧିକ ପ୍ରଶଂସା କରନ୍ତୁ ।
- ପ୍ରଶ୍ନ ଗୁଡିକୁ ବାରମ୍ବାର ପଚାରନ୍ତୁ ।

***ଯଦି ମହିଳା ଜଣକ ଅସହଯୋଗୀ ଏବଂ ଯୁକ୍ତିତର୍କ କରିବା ଗୁଣର ହୋଇଥାନ୍ତି***

- ମହିଳା ସୁରକ୍ଷିତ ଅନୁଭବ ପାଇଁ ପ୍ରଶଂସା କରନ୍ତୁ ।
- ତାଙ୍କ ସହ ସମବେଦନା ରଖନ୍ତୁ ଓ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ କରନ୍ତୁ ରାଗନ୍ତୁ ନାହିଁ ।
- ତାଙ୍କୁ ଶୁଣିବାକୁ ଅଧିକ ସମୟ ଦିଅନ୍ତୁ ।
- ଯଦି ମହିଳା ଜଣକ ତଥାପି କିଛି କହିବାକୁ ମୁକ୍ତ ଅନୁଭବ କରୁନାହାନ୍ତି, ତେବେ ତାଙ୍କୁ ଅଧିକ ବାଧ୍ୟ କରନ୍ତୁ ନାହିଁ । ଆଉ ଥରେ ଆସିବେ ବୋଲି କୁହନ୍ତୁ ।

***ଯଦି ମହିଳା ଜିଜ୍ଞାସୁ ଓ ବହୁତ ପ୍ରଶ୍ନ ପଚାରନ୍ତି***

- ସରଳ ଭାଷାରେ ତାଙ୍କ ପ୍ରଶ୍ନର ଉତ୍ତର ସବୁ ଦିଅନ୍ତୁ ।
- ଆପଣତାଙ୍କୁ ବୁଝାଇ କୁହନ୍ତୁ ଯେ, ଆପଣ ବାରମ୍ବାର ଆସିବେ ଏବଂ ପୁଣି ବି ଆପଣ କଥାହେବେ ।